ଶନିବାର, ୩ ଜାନୁଆରୀ, ୨୦୨୬

# ପିଲାଙ୍କ ଧରିତ୍ରୀ



୭ ଜଣା ଅଜଣା

୬ କହିଲ ଦେଖି

୩ ପ୍ରଚ୍ଛଦ

## ଗପ

# ସାଇକେଲ୍ ଓ ବହି




ଦିନ ସାଇକେଲ୍ ଯାଉ ଯାଉ ବାଟରେ ଗୋଟିଏ ବହି ସହ ଦେଖାହେଲା। ବହିଟି ରାସ୍ତାରେ ପଡ଼ିଥାଏ। ଧୂଳିବାଲି ଲାଗିଥିବାରୁ ବହିଟି ଟିକେ ଅପରିଷ୍କାର ହୋଇଯାଇଥାଏ। ସେତିକିବେଳେ ସାଇକେଲ କହିଲା, 'ଇସ୍, ତୁ କେତେ ଅସନା ଦିଶୁଛୁ। ତୋତେ କେହି ପଚାରିବେ ନାହିଁ। ତୁ ଠୁଙ୍ଗା ତିଆରିକୁ ବି ଯୋଗ୍ୟ ନୁହଁ। ଏକଥା ଶୁଣି ବହି କହିଲା, 'ତୁ ତ ସଦାବେଳେ କାଦୁଅ, ପଙ୍କରେ ଯାଉଛୁ ମୋତେ ପୁଣି କହୁଛୁ। ନିଜ ଦେହକୁ ଦେଖ କେମିତି ଅସନା ଦିଶୁଛୁ। ସାଇକେଲ୍ କହିଲା, 'ମୋତେ ପାଣିରେ ଧୋଇଦେଲେ ମୁଁ ଚକ୍ ଚକ୍ ହୋଇଯିବି, କିନ୍ତୁ ତୁ ପାଣିରେ ପଡ଼ିଲେ ଜୀବନ ପାଇବୁ ନାହିଁ। ଏକଥା ଶୁଣି ବହିଟି ମନଦୁଃଖ କରି ଚୁପ୍ ରହିଲା। କିଛି ନ କହି ସେ କେବଳ ସମୟକୁ ଅପେକ୍ଷା କରିଥାଏ।

ଏତିକିବେଳେ କୁନା ସେହିବାଟେ ଯାଉଥିଲା। ସେ ବହିଟି ତଳେ ପଡ଼ିଥିବା ଦେଖି ତାକୁ ମୁଣ୍ଡରେ ଲଗାଇ ଝାଡ଼ିଝୁଡ଼ି ବ୍ୟାଗ୍‌ରେ ରଖିଲା।

ଏତିକିବେଳେ କୁନାର ବ୍ୟାଗ୍ ଭିତରୁ ମୁହଁ କାଢ଼ି ବହିଟି ସାଇକେଲ୍‌କୁ କହିଲା, 'ଦେଖିଲୁରେ ବୋକା। ମୋତେ କେମିତି କୁନା ମୁଣ୍ଡିଆ ମାରିଲା। ମୁଁ ଏବେ ତା' ବ୍ୟାଗ୍ ଭିତରେ। ସେ ମୋତେ ଘରେ ନେଇ କେତେ ଆଦର କରିବ। ତା ବହି ଥାକରେ ରଖିବ ଆଉ ତୁ ସେମିତି ପଙ୍କକାଦୁଅ ହୋଇ ଦାଣ୍ଡଘରେ ପଡ଼ିଥିବୁ। ବର୍ଷେ ଛ'ମାସରେ କେତେବେଳେ ସୁବିଧା ହେଲେ ଟିକେ ଧୁଆଧୋଇ ହେବୁ। ସେତେବେଳକୁ କେତେଅଂଶ ବି କଳଙ୍କି ଖାଇଯାଇଥିବ। ସାଇକେଲ କହିଲା, ତା' ନୁହେଁ ତ ଆଉ କ'ଣ ? ମୁଁ ସିନା ତୋର ଭାଗ୍ୟ ଖରାପ ବୋଲି କହୁଥିଲି ପ୍ରକୃତରେ ମୋ ଭାଗ୍ୟ ଖରାପ। ଏକଥା ଶୁଣି ବହି କହିଲା ପ୍ରକୃତରେ ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତଙ୍କର ଗୁରୁତ୍ୱ ରହିଛି। ତେଣୁ କେହି କେବେ କାହାକୁ ଛୋଟ ଭାବିବା ଉଚିତ ନୁହେଁ। ସମୟ ଅନୁସାରେ ସମସ୍ତେ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିଥାନ୍ତି।

**– ରମେଶ ଚନ୍ଦ୍ର ଦାଶ**
ଶିକ୍ଷାଶ୍ରୀ ଲେନ୍,
କୁମ୍ଭାରପଡ଼ା, ପୁରୀ
ମୋ: ୯୭୭୬୨୩୮୫୨୨

# ରହିପାରିବେ ସବୁ ଗ୍ରହ



ପୃଥିବୀ ପୃଷ୍ଠରେ ରହି ଆମେ ସମସ୍ତେ ଚନ୍ଦ୍ରକୁ ଦେଖିପାରୁଛୁ। ଅନ୍ୟ ଗ୍ରହ ତୁଳନାରେ ଏହି ଗ୍ରହଟି ଆମକୁ ବହୁତ ବଡ ଦେଖାଯାଏ। ମଣିଷ ଚନ୍ଦ୍ରରେ ପାଦ ବି ରଖିପାରିଛି। ଚନ୍ଦ୍ର ଅଭିଯାନ କରି ଚନ୍ଦ୍ର ପୃଷ୍ଠ ସମ୍ପର୍କରେ ବୈଜ୍ଞାନିକମାନେ ବହୁ ତଥ୍ୟ ବି ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ପୃଥିବୀ ପୃଷ୍ଠ ଭଳି ଚନ୍ଦ୍ରରେ ଜନବସତି ସମ୍ଭବ ହୋଇପାରିବ କି ନାହିଁ ସେନେଇ ବିଭିନ୍ନ ଦିଗରୁ ଅନୁସନ୍ଧାନ ଜାରି ରହିଛି। ଏବେ ବି ଅନେକ ରହସ୍ୟ ରହିଛି ଯାହାକୁ ଜାଣିବା ପାଇଁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ତେବେ ଏଇ ଦୁଇ ଗ୍ରହ ମଧ୍ୟରେ ଦୂରତା ହେଉଛି ୪୦୦,୦୦୦ କିଲୋମିଟର। ଏହା ବହୁ ଆଗରୁ ଜଣାପଡିଛି। ହେଲେ ପିଲାମାନେ ତୁମେ ଜାଣିଛ କି ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଥିବା ଏହି ଦୂରତା ମଧ୍ୟରେ ସୌରମଣ୍ଡଳର ଅନ୍ୟ ସମସ୍ତ ସାତୋଟି ଗ୍ରହକୁ ମଧ୍ୟ ରଖାଯାଇପାରିବ। ବୈଜ୍ଞାନିକମାନେ ଆକଳନ କରି ଏହି ସିଦ୍ଧାନ୍ତ ଉପସ୍ଥାପନ କରିଛନ୍ତି।

## ରଙ୍ଗ ଦିଅ



## ଖିଲି ଖିଲି ହସ

ଗପୁ: ପପୁ ପଡିଶା ଘରେ କ'ଣ ଚାଲିଛି ?
ପପୁ: ମୋତେ ଲାଗୁଛି କାହା ଜନ୍ମ ଦିନ ଅଛି ବୋଧେ !
ଗପୁ: କାହାର ?
ପପୁ: ଟୁ ୟୁ ର
ଗପୁ: ଟୁୟୁ କିଏ ?
ପପୁ: ଜଣା ନାହିଁ ... ଶୁଣା ତ ଏଇଆ ଯାଉଛି , ହାପି ବାର୍ଥ ଡେ ଟୁ ୟୁ !

---

ଛାତ୍ରଜଣକୁ ବ୍ୟକ୍ତି ପଚାରିଲେ କେତେବେଳେ ଶୋଉଛ ?
ଛାତ୍ର: ବହି ଧରିଲେ ୯ଟାରେ ଆଉ ମୋବାଇଲ୍ ଧରିଲେ ରାତି ୨ଟାରେ ଶୋଉଛି।

---

ଇଂରାଜୀ କ୍ଲାସରେ ରାଜୁ ଲେଟ୍‌ରେ ପହଁଞ୍ଚିଲା। ଏହା ଦେଖି ଟିଚର କହିଲେ ହ୍ୱାଏ ଆର୍ ୟୁ ସୋ ଲେଟ୍ ?
ରାଜୁ: ସାର୍ କ'ଣ ହେଲା କି ...
ଶିକ୍ଷକ: ରାଜୁ , ସ୍ପିକ୍ ଇନ୍ ଇଂଲିଶ୍
ରାଜୁ: ସାର୍ ମାଇଁ କାର୍ ୱାଜ୍ ଫସିଙ୍ଗ୍ ଇନ୍ କାଦୁଅ ନୋ ହଲିଙ୍ଗ ଆଣ୍ଡ ଡୁଲିଙ୍ଗ !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

❖ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ ବିଲେଇର ଦୃଷ୍ଟି ଶକ୍ତି, ଟିଭି ଚାରିକୋଣିଆଁ କାହିଁକି , ଦାମୀ ପରିବା ଆଦି ପଢ଼ି ଅନେକ ନୂଆ କଥା ଜାଣିବାକୁ ପାଇଲି।

**–ଚିରାଗ୍ ଦାସ, ରସୁଲଗଡ, ଭୁବନେଶ୍ୱର**

❖ ନୂଆ ସଂକଳ୍ପ ପାଠଟିରୁ ପିଲାମାନେ ଏହି ନୂଆ ବର୍ଷକୁ କିଏ କିପରି ପାଳନ କରିବେ ସେ ବିଷୟରେ ଜାଣି ହେଲା।

**–ଲିଟନ୍ ସ୍ୱାଇଁ , କେନ୍ଦୁଝର**

❖ ନୂଆବର୍ଷ ପାଇଁ ପ୍ରକାଶିତ ଚିତ୍ରଗୁଡିକ ବହୁତ ସୁନ୍ଦର ହୋଇଥିଲା।

**–ରୀନା ରାଉତ, କେନ୍ଦ୍ରାପଡା**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com





ପିଲାମାନେ, ନିଜେ ସୁସ୍ଥ ରହିବା ସହ ପର୍ଯ୍ୟାବରଣ ବା ପରିବେଶକୁ ସ୍ୱଚ୍ଛ ରଖିବା ବହୁତ ଜରୁରୀ । ତେଣୁ ପରିବେଶ ସୁରକ୍ଷା ଲାଗି ପିଲାବେଳୁ ପ୍ରୟାସ ଆରମ୍ଭ କରିବା ଦରକାର। ଏଥିପାଇଁ ପିଲାମାନେ କେତେକ ବିଷୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ...

# ଛୋଟ ପ୍ରୟାସ





ସୁସ୍ଥ ଜୀବନ ପାଇଁ ପରିବେଶ ପ୍ରଦୂଷଣମୁକ୍ତ ରହିବା ଦରକାର। କିନ୍ତୁ ଏବେ ସମଗ୍ର ବିଶ୍ୱରେ ପ୍ରଦୂଷିତ ପରିବେଶକୁ କିପରି ପରିବର୍ତ୍ତନ କରାଯିବ ସେ ନେଇ ମାନସ ମନ୍ଥନ ଚାଲିଛି। ତେବେ ପିଲାମାନେ ଏବିଷୟରେ ସଚେତନ ରହିବା ଦରକାର। ପରିବେଶକୁ କିପରି ପ୍ରଦୂଷଣମୁକ୍ତ କରାଯାଇପାରିବ ସେଥିପାଇଁ ଅନେକ ପିଲା ଆଙ୍କିଥିବା ଚିତ୍ର ମାଧ୍ୟମରେ ବାର୍ତ୍ତା ଦେଇଥାଆନ୍ତି। ହେଲେ ଏ ନେଇ ଅଧିକ ଜନସଚେତନତା ସୃଷ୍ଟି କରିବା ପାଇଁ ସେମାନେ ଆଗଭର ହେବା ଭଲ। ପିଲାଏ, ତୁମେମାନେ ଏଭଳି ଏକ ପ୍ରଶଂସାଯୋଗ୍ୟ କାମରେ ନିଜକୁ ସାମିଲ କରିବାକୁ ଯଦି ମନସ୍ଥ କରିଛ ତେବେ ଏ ନେଇ ଯୋଜନାବଦ୍ଧ ଭାବରେ ଆଗେଇବା ସହ ନିମ୍ନଲିଖିତ ବିଷୟଗୁଡ଼ିକୁ ଦୃଷ୍ଟି ଦିଅନ୍ତୁ।

## ଆପଣାନ୍ତୁ ଇକୋ-କନ୍‌ସସ୍ ହାବିଟ୍ସ

ପିଲାମାନେ, ଇକୋ-କନ୍‌ସସ୍ ହାବିଟ୍ସ ପରିବେଶକୁ ସୁରକ୍ଷିତ ଦେବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଏପରି ଅଭ୍ୟାସ ଆପଣାଇବା ଦ୍ୱାରା ନିଜର ଲାଇଫ୍ ଷ୍ଟାଇଲକୁ କିଛି ଏପରି ଢଙ୍ଗରେ ଗଢ଼ି ଦିଆଯାଏ କି ତାହାର ଖରାପ ପ୍ରଭାବ ପରିବେଶ ଉପରେ ପଡ଼ି ନ ଥାଏ। ଏହାର ଅର୍ଥ ନୁହେଁ ଯେ ପିଲାମାନେ ନିଜର ଦୈନନ୍ଦିନ ଜୀବନଶୈଳୀରେ ଏକ ବଡ଼ ପରିବର୍ତ୍ତନ ଆଣିବା ନିହାତି ଦରକାର। ଏଭଳି ଧାରଣା ଭୁଲ୍। ପ୍ରଥମେ ଛୋଟ ଛୋଟ ପରିବେଶ ସୁରକ୍ଷା କାମରେ ନିଜକୁ ସାମିଲ କରନ୍ତୁ। ଯେମିତିକି ନିଜ ସୋସାଇଟି କିମ୍ବା କଲୋନୀରେ ଇକୋ ଗ୍ରୁପ୍ ଗଠନ କରି ଆଖପାଖରେ ଗଛ ଲଗାଇବା ସହ ନିଜ ବାଡ଼ିରେ ଥିବା ଗଛଗୁଡ଼ିକର ଦେଖାଶୁଣା କରନ୍ତୁ।

## ଅଳିଆ ହଟାଅ, ଶକ୍ତି ବଞ୍ଚାଅ

ପିଲାଏ, ବିଶ୍ୱ ପରିବେଶ ସୁରକ୍ଷା ଦିବସରେ ପରିବେଶକୁ କିପରି ଆମେ ପ୍ରଦୂଷଣମୁକ୍ତ ରଖିବା ସେ ନେଇ ସଚେତନ କରାଯାଏ। ଶକ୍ତି ସଂରକ୍ଷଣରେ ବିଜୁଳି, ଗ୍ୟାସ୍, ଇନ୍ଧନ ଆଦିର ବ୍ୟବହାର ଭାବିଚିନ୍ତି କରିବା ଆବଶ୍ୟକ। ଏଥିପାଇଁ ଯେତେବେଳେ ଆବଶ୍ୟକ ନାହିଁ ଲାଇଟ୍, ପଙ୍ଖା, ଟିଭି ଏବଂ ନିଜର ଇଲେକ୍ଟ୍ରୋନିକ୍ ସାମଗ୍ରୀକୁ ସୁଇଚ୍ ଅଫ୍ କରିବାକୁ ଭୁଲନ୍ତୁ ନାହିଁ।

## ଆପଣାନ୍ତୁ ଥ୍ରୀ ରୁଲ୍ସ

ପିଲାମାନେ,ପାଠ ପଢ଼ା ସହିତ ନିଜର ଆର୍ଟ ଆଣ୍ଡ କ୍ରାଫ୍ଟକୁ ଇକୋ ଫ୍ରେଣ୍ଡ୍‌ଲୀ କରନ୍ତୁ। ପୁରୁଣା ପେପର ସହିତ ବି ନିଜର କଳାକୃତି ଦେଖାନ୍ତୁ। ନିଜର ଆର୍ଟ ବୁକ୍‌ର କୌଣସି ପେଜ୍ ଖରାପ୍ ହେବାକୁ ଦିଅନ୍ତୁ ନାହିଁ। ଏଥିପାଇଁ 'ଥ୍ରୀ ଆର୍'ରୁଲ୍ ଆପଣାନ୍ତୁ। ଥ୍ରୀ ଆର୍ ଅର୍ଥ-ରିଡ୍ୟୁସ୍, ରିୟୁଜ୍ ଏବଂ ରିସାଇକେଲ୍। ଅର୍ଥ, କାଗଜର କମ୍ ବ୍ୟବହାର, ଯେତେ ସମ୍ଭବ ପେପରକୁ ପୁନର୍ବାର କୌଣସି କାମରେ ଆଣିବା ଏବଂ ଏଣେତେଣେ ଫୋପାଡିବା ପରିବର୍ତ୍ତେ ତାକୁ ଉଚିତ ଉପାୟରେ ରିସାଇକେଲ୍ କରିବା ଲାଗି ପଠାଇବା। ଏପରି କରିବା ଦ୍ୱାରା ଆମ ଆଖ ପାଖ ସଫା ସୁତୁରା ରହିବ ଏବଂ ପ୍ରଦୂଷଣ କମ୍ ହେବ। ଏହା ସହିତ ପୃଥିବୀ ସବୁଜ ସୁନ୍ଦର ରହିବ।

## ଚୟନ କରନ୍ତୁ ପରିବେଶ ଉପଯୋଗୀ ବାହନ

ଗାଡ଼ି ଏବଂ କଳକାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ପରିବେଶକୁ ବହୁତ ମାତ୍ରାରେ ପ୍ରଭାବିତ କରିଥାଏ। ଆଜିକାଲି କେତକେ ଅଳ୍ପ ବାଟ ଯିବାକୁ ଗାଡି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ପରିବେଶ କେତେକାଂଶରେ ପ୍ରଭାବିତ ହେଉଛି। ତେଣୁ ଏବେ ପରିବେଶ ଉପଯୋଗୀ ଯାନବାହନର ଚାହିଦା ବଢ଼ିଚାଲିଛି। ଆଖ-ପାଖ କୌଣସି ଦୋକାନ, ସାଙ୍ଗ ସାଥୀ ଘର, ସ୍କୁଲ କିମ୍ବା ପାର୍କ ଆଦିକୁ ଯିବାକୁ ହେଲେ ସାଇକେଲ୍ ବ୍ୟବହାର କରନ୍ତୁ। ସାଇକେଲ୍ ପରିବେଶକୁ ପ୍ରଦୂଷିତ କରି ନ ଥାଏ, ତା' ସହ ଏଥିରେ କୌଣସି ଇନ୍ଧନର ଆବଶ୍ୟକତା ପଡି ନ ଥାଏ। ତେଣୁ ବର୍ତ୍ତମାନ ପରିବେଶକୁ ସୁରକ୍ଷିତ ରଖିବା ଲାଗି ଇକୋ ଫ୍ରେଣ୍ଡ୍‌ଲୀ ବାହନ ଚୟନ କରିବାର ସମୟ ଆସିଯାଇଛି।

## ଏମାନେ କ'ଣ କରନ୍ତି




ପରିବେଶକୁ ସବୁଜ ସୁନ୍ଦର ରଖିବା ଲାଗି ଆମ ଘର ଆଖପାଖରେ ଥିବା ଗଛର ଯତ୍ନ ନିଏ। ତାକୁ ପାଣି ଦିଏ, ଗଛ ଚାରିପାଖରେ ଉଠିଥିବା ଅନାବନା ଘାସକୁ ଉପାଡି ସଫା କରେ। ମଝିରେ ମଝିରେ କିଛି ଗଛ ଲଗାଇବାକୁ ଭୁଲି ନ ଥାଏ।

**-ପ୍ରାଚୀ ଦଳାଇ,କ୍ଲାସ-୧୦,**
**ହରିହର ନୋଡାଲ ହାଇସ୍କୁଲ୍, ପଣସପଦା, ପୁରୀ**




ପରିବେଶକୁ ସୁସ୍ଥ ରଖିବା ଲାଗି ନିୟମିତ ସ୍କୁଲ୍‌କୁ ସାଇକେଲ୍ ନେଇ ଯାଏ। କୌଣସି ସାଙ୍ଗ ଘରକୁ ଯିବାର ଥିଲେ ସେଠାକୁ ଚାଲି ଚାଲି ଯାଏ। ଏହାଦ୍ୱାରା ଆମ ଶରୀର ସୁସ୍ଥ ରହିବା ସହ ପରିବେଶର କିଛି ବି କ୍ଷତି ହୁଏନି।


**-ଆରାଧନା ମିଶ୍ର,**
**କ୍ଲାସ-୯,ଡିଏଭି ପବ୍ଲିକ୍ ସ୍କୁଲ୍,ଡେରା,ତାଳଚେର**




୧



୨



୩


୪


୫


୬



୭


୮

**ଜି.କେ ତନିଶା ସାହୁ**
କ୍ଲାସ– ୩, ସେଣ୍ଟ ଜାଭିଅର ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା
୧





**ମାନଭିକ ମହାନ୍ତି**
କ୍ଲାସ– ୪, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ଭିଏସଏସ ନଗର, ଭୁବନେଶ୍ୱର
୨

**ପ୍ରତୀକ୍ଷା ପଟ୍ଟନାୟକ**
କ୍ଲାସ– ୯, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର
୩





**ପ୍ରିୟାଂଶୀ ପଟ୍ଟନାଏକ**
କ୍ଲାସ– ୪, ସେଣ୍ଟ ଜାଭିଅର ହାଇସ୍କୁଲ, ଭୁବନେଶ୍ୱର
୪

**ସାତ୍ତ୍ୱିକ ରଞ୍ଜନ ପଣ୍ଡା**
କ୍ଲାସ–୮, କୋଲାପେରୁମାଲ ସ୍କୁଲ, ଅରୁମ୍ବକମ୍, ଚେନ୍ନାଇ
୫





**ଦମୟନ୍ତୀ ଟୁଡୁ**
କ୍ଲାସ– ୪, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଦାପାଳ, ଉଦଳା, ମୟୂରଭଞ୍ଜ
୬

**ସୁମୟା ଖାତୁନ**
କ୍ଲାସ–୪, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର
୭





**ସାଇ ଶ୍ରୀଆସ୍ଥ ପତି**
ଏଲ୍ କେଜି, ଜେନିଥ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସମାଗୁଡିଆ, କେନ୍ଦ୍ରାପଡା
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଟାଟୁରେ ଦସ୍ତଖତ

ଫ୍ୟାଶନେବଲ ଦେଖା ଯିବା ପାଇଁ ଅନେକେ ନିଜ ଶରୀରରେ ଟାଟୁ କରିଥାନ୍ତି। କେହି ଗୋଟିଏ ଦୁଇଟି କିମ୍ବା ତିନୋଟି ଟାଟୁ କରନ୍ତି। ହେଲେ ଜଣଙ୍କ ଶରୀରରେ ୨୭୩ଟି ଟାଟୁ ହୋଇଥିବ ଏକଥା ହୁଏତ ଅନେକେ ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏମିତି ଏକ କାମ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି ଆମେରିକାର ଫର୍କି ମଟାସ୍। ୩୮ ବର୍ଷୀୟ ଏହି ବ୍ୟକ୍ତିଜଣକ ନିଜ ଶରୀରରେ ଏତେ ସଂଖ୍ୟାରେ ଟାଟୁ କରିଛନ୍ତି। ତେବେ ଫର୍କି ତାଙ୍କ ଶରୀରରେ ବିଭିନ୍ନ ବ୍ୟକ୍ତିଙ୍କ ଦସ୍ତଖତର ଟାଟୁ କରିଛନ୍ତି। ସେ ନିଜେ ଜଣେ ଟାଟୁ ଆର୍ଟିଷ୍ଟ ହୋଇଥିବାରୁ ପ୍ରଥମେ ନିଜ ଶରୀରର ପଛପଟରେ ଟାଟୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ବନ୍ଧୁମାନଙ୍କୁ ସେମାନଙ୍କ ଦସ୍ତଖତର ଟାଟୁ କରିବା ପାଇଁ କହିଥିଲେ। ତେବେ ଧୀରେ ଧୀରେ ବନ୍ଧୁମାନଙ୍କ ସଂଖ୍ୟା ବଢିବାରୁ ତାଙ୍କ ପିଠିରେ ଟାଟୁ ଦସ୍ତଖତ ମଧ୍ୟ ବଢି ଯାଇଥିଲା। ଏହାପରେ ଯିଏ ଯାହା ବି ଫାଙ୍କା ସ୍ଥାନ ପାଇଲେ ସବୁଠାରେ ଟାଟୁ କରିଥିଲେ। ଏହି ଟାଟୁ ଦସ୍ତଖତ ପ୍ରକ୍ରିୟାରେ ସେ ବହୁ ସେଲିବ୍ରିଟିଙ୍କୁ ମଧ୍ୟ ସାମିଲ କରିଥିଲେ। ତେଣୁ ବିଶ୍ୱରେ ସବୁଠୁ ଅଧିକ ସଂଖ୍ୟାର ଟାଟୁ କରିଥିବା ନେଇ ସେ ଗିନିଜ୍ ରେକର୍ଡ କରିପାରିଛନ୍ତି।

# ଏଥରର

- ଚୁମ୍ବକର କେତୋଟି ମେରୁ ରହିଛି ?
- ଭାରତର ପ୍ରଥମ ସଭ୍ୟତା କେଉଁଠାରେ ଗଢି ଉଠିଥିଲା ?
- ଜୈନ ଧର୍ମର ପ୍ରତିଷ୍ଠାତା କିଏ ?
- କମଳା ଓ ଲେମ୍ବୁରେ କେଉଁ ଭିଟାମିନ୍ ପ୍ରଚୁର ପରିମାଣରେ ରହିଛି ?
- ବିଶ୍ୱର ସର୍ବବୃହତ୍ ଜଙ୍ଗଲର ନାମ ?

# ଗତଥରର ଉ ତ ର

- କେଲି କ୍ଲାର୍କସନ୍
- ୧୩
- ଆରେଥା ଫ୍ରାଙ୍କଲିନ୍
- ୧୯୩୯
- ୧୯୯୩





## ହାଡ଼ ଭଙ୍ଗା ଶୀତ

ଥକଲ ମକଲ ଟକଲ ଟିଆଁ
ଶୀତରେ ଥରୁଛି ସାରା ଦୁନିଆଁ
ପିଲାଠାରୁ ବୁଢା ସବୁ ଛାନିଆଁ
ନିଆଁ ପାଖେ ବସି ଉଷୁମ ଟାଣୁଛି
ପୁଷି କନିଆଁ।
ଆମ ଭଳି ନାହିଁ ଶୀତ ବସନ
କେମିତି ସିଏ କାଟିବ ଦିନ
ପଶୁ ପକ୍ଷୀ କଥା ଭାବିଲା ବେଳକୁ
ଉଣା ହେଇଯାଏ ଆମରି ମନ।
ବିଧାତା ଗଢିଛି ଦେହ ଏମିତି
କଷ୍ଟ ସହିବାକୁ ସତେ ଯେମିତି
ଧନ୍ୟ ମହାପ୍ରଭୁ ମହିମା ତୁମର
ସୁଖୀ କର ପ୍ରଭୁ ଏହି ମିନତି।

**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ପୁରୁଣା ଭୁବନେଶ୍ୱର
ମୋ: ୯୪୩୭୭୬୪୦୧୪

## ହସ ଖୁସି ବାଣ୍ଟୁଛି

ନୂଆ ବରଷର ନୂଆ ବାର୍ତ୍ତାଳାପ
ହସ ଖୁସି ବାଣ୍ଟି ଲେଖୁଛି ଅଳପ।
ଆଭା ପ୍ରଭା ପ୍ରତିଭାର ଅଧିକାର
ବସୁଧୈବ କୁଟୁମ୍ବକମ
ଶିକ୍ଷାଦୀକ୍ଷାରେ ନ ରହୁ ଅନିତି
ଭାବ ଭକ୍ତି ସବୁ ଆମରି ସମ୍ପତ୍ତି।
ଝର କଲମରୁ ଲେଖିଲି ପଦେ
ଝରୁଥିବ ମୁଖୁ ଓଡ଼ିଆ ଭାଷା ସବୁରି ହୃଦେ।
ମଙ୍ଗଳେ ମଙ୍ଗଳେ ଆସିଛି ନୂଆ ବରଷ
ନିଶା ଦାନବକୁ ସମୂଳେ କର ବିନାଶ।
ନିଶା ପରା ଅଟେ ବଡ ବଇରୀ
ନିଶା ଠାରୁ ଦୂରେ ରହି ବୋଲ ହରି ହରି।

**–ସୁକାନ୍ତି ପ୍ରଧାନ**
ମୋ : ୮୪୮୦୯୦୪୧୦୧

## ଶିକ୍ଷା ଏକ ବ୍ରତ

କାଉ ରାବିଲେଣି ଉଠରେ ସଙ୍ଗାତ
ଦେବା ମୁହଁ ହାତ ଧୋଇ
ନିତ୍ୟକର୍ମ ସାରି ଦଶଟା ବାଜିଲେ
ପଢିବାକୁ ଯିବା ଭାଇ।
ସାଙ୍ଗସାଥି ମେଳେ ଆନନ୍ଦ କରିବା
ପାଠ ସାଥେ ପୁଣି ଖେଳ
ଗୁରୁଙ୍କ ଆଦେଶ ମାନୁଥିବା ସଦା
ରହିଥିବା ଯେତେ କାଳ।
ପର ଦୁଃଖ ଦେଖି ଆସିବା ଆଗେଇ
କରିବାକୁ ସହଯୋଗ
ଭଲ ପାଇବାର ମଞ୍ଜି ଦେବା ବୁଣି
ଭୁଲି ଅଭିମାନ ରାଗ।
ଶିକ୍ଷାକୁ କରିବା ଜୀବନର ବ୍ରତ
ହେବାକୁ ଦିନେ ସଫଳ
ଭଲ ମଣିଷର ପରିଚୟ ନେବା
ପୂରା ହେବ ସ୍ୱପ୍ନ ସକଳ।

**– ସତ୍ୟନାରାୟଣ ପ୍ରଧାନ**
ଅଣ୍ଡିଆ, ଯାଜପୁର

## ନୂଆ ବର୍ଷ

ନୂଆ ବର୍ଷରେ ନୂଆ ସକାଳ
ନୂଆ ନୂଆ ଭାରି ଲାଗେ
ନୂଆ ବର୍ଷ ପାଇଁ ନୂଆ କବିତା
ନିରୋଳାରେ ବସି ଭାବେ।
ମଧୁମୟ ହେଉ ସବୁ ଜୀବନ
ଭାଙ୍ଗିଦେଉ ଅହଂକାର
ଯୁଦ୍ଧର ଭୟ ନ ରହୁ ଜମା
ଭାବ ବଢୁ ପରସ୍ପର।
ସବୁ ମଣିଷ ସମାନ ପରା
ଈଶ୍ୱର ନୁହନ୍ତି ଭିନ୍ନ
ମାନବିକତା ଗୋଟିଏ ଧର୍ମ
ପୁରିଛି ସେଠାରେ ପ୍ରେମ।
ନୂଆ ବର୍ଷରେ ନୂଆ ଚେତନା
ସବୁଠି ଝଙ୍କୃତ ହେଉ
ଭାଇଚାରାର ନିସ୍ୱାର୍ଥ ଭାବନା
ବିଶ୍ୱରେ ସ୍ପନ୍ଦନ ହେଉ।


**– ସୁଧୀର କୁମାର ଦାସ,**
ତରାବୋଇ, ଜଟଣି, ଖୋର୍ଦ୍ଧା,
ମୋ– ୯୩୩୭୩୩୬୮୩୮

## ପ୍ରକୃତ ବନ୍ଧୁ

ବନ୍ଧୁ ଅଟେ ଆମ ଦୁଃଖସୁଖ ସାଥୀ
କରେ ନି କେବେ ନିରାଶ
ବିପଦରେ ସାହା ହୋଇଥାଏ ସିଏ
ସବୁଠି ଦିଏ ଭରସା।
ତା' ବିନା ଅଧୁରା ଲାଗଇ ଜୀବନ
ସୂର୍ଯ୍ୟ ବିନା ପଦ୍ମ ସମ
ଦେଖିଦେଲେ ତାକୁ ଭରି ଯାଏ ମନ
ଜହ୍ନ କଇଁ ପରି ପ୍ରେମ।
କୁସଙ୍ଗ ସଙ୍ଗରେ କରିଲେ ମିତ୍ରତା
ନିଜର ହୋଇବ ହାନି
ସୁସଙ୍ଗ କରିବ ଜୀବନେ ସର୍ବଦା
ଦୁଃଖ ନେବ ସବୁ ଟାଣି।
ହିଂସା ଅହଂକାର ନ ଥାଏ ତା'
ପାଖେ
ରହେ ସିଏ ଅନ୍ତରରେ
ସ୍ନେହ କରୁଣାର ଗନ୍ତାଘର ଅଟେ
ରହେନି କେବେ ସେ ଦୂରେ।

**– ପ୍ରତିଭା ଦାଶ**
ଡୁମେରପାଣି, ନୂଆପଡ଼ା
ମୋ: ୭୮୯୪୫୨୮୪୯୩

## କହିଲ ଦେଖି



ମାଆ ଭଉଣୀଙ୍କ ମଥାରେ ଥାଏ
ପିନ୍ଧିଲେ ମନଟି ସେ ଖୁସି ଥାଏ
ବୃତ୍ତାକାର ଅଟେ ସିନ୍ଦୂର ନୁହେଁ
ଭିନ୍ନ ଭିନ୍ନ ତା'ର ରଙ୍ଗଟି ଥାଏ
କହିଲ ପିଲାଏ ତା' ନାମ କିଏ ?

ଉତ୍ତର– **ଟିକିଲି**



ପୁରୁଷ ନୁହେଁ କି କନିଆ ନୁହେଁ
ସଧବା ତାହାକୁ ମଥାରେ ଦିଏ
ନାଲିଆ ରଙ୍ଗଟି ସିଏ
କହିଦେବ ଯିଏ ନାଆଁଟି ତାହାର
ଆଦର ପାଇବ ସିଏ ?

ଉତ୍ତର – **ସିନ୍ଦୂର**



ଆଈ ଜେଜି ମାଆଙ୍କର ଆଦର
ଲମ୍ବଟି ଅଟଇ ବାର ହାତର
ରଙ୍ଗଟି ତାହାର ବହୁ ପ୍ରକାର
ଥାଏ ଭିନ୍ନ ଭିନ୍ନ ଗୁଚି ତାଙ୍କର
ପିନ୍ଧିଥିଲେ ଦିଶେ ଭାରି ସୁନ୍ଦର
କହିଲ ପିଲାଏ ନାମ ଏଥର ?

ଉତ୍ତର – **ଶାଢ଼ି**



ବିବାହ ବେଦିରେ ପିନ୍ଧଇ ନାରୀ
ବର ପିନ୍ଧାଏ ତା ହାତରେ ଧରି
ବରକନ୍ୟାଙ୍କର ସୁଦୃଢ଼ ଡୋରି
ସ୍ୱାମୀ ସ୍ତ୍ରୀ ପାଇଁ ମଙ୍ଗଳକାରି
ସୁନାରେ ହୁଅଇ ସିଏ ତିଆରି
କହିଲ ତା' ନାମ ମନେ ବିଚାରି ?

ଉତ୍ତର – **ମଙ୍ଗଳସୂତ୍ର**

**– ଦୀନବନ୍ଧୁ ପୋଇ**
ଗୋରଡ଼ା ପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨

# ବିଚିତ୍ର ଜୀବ

ପୃଥିବୀରେ ଏମିତି କିଛି ଜୀବଜନ୍ତୁ ଅଛନ୍ତି ଯାହା ବିଷୟରେ ଜାଣିଲେ ତୁମକୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଜାଣନ୍ତୁ ଏପରି କେତୋଟି ବିଚିତ୍ର ଜୀବ ସମ୍ପର୍କରେ...









ବୈଜ୍ଞାନିକଙ୍କ ମତରେ ପୃଥିବୀରେ ୮୭ଲକ୍ଷରୁ ଅଧିକ ପ୍ରଜାତିର ଜୀବଜନ୍ତୁ ଦେଖିବାକୁ ମିଳିଥାନ୍ତି, ଏଥିମଧ୍ୟରୁ କେତେକଙ୍କୁ ଚିହ୍ନିବା ଓ ଜାଣିବା ଏବେ ବି ବାକି ଅଛି। ଯାହାକୁ ପୃଥିବୀର ବିଚିତ୍ର ଜୀବ ବୋଲି କୁହାଯାଉଛି। ଏମାନେ ଦେଖିବାକୁ ଅନ୍ୟ ଜୀବଙ୍କଠାରୁ ଭିନ୍ନ। ଜାଣନ୍ତୁ ସେଭଳି କେତେକ ଅଜବ ଜୀବମାନଙ୍କ ସମ୍ପର୍କରେ ...

## ଉଆକରୀ ମାଙ୍କଡ଼

ପିଲାମାନେ, ତୁମେ ତ ମାଙ୍କଡ଼ ଦେଖିଥିବ, କିନ୍ତୁ ମାଙ୍କଡ଼ଙ୍କର ଅନେକ ପ୍ରଜାତି ରହିଛି। ସେ ମଧ୍ୟରୁ ଉଆକରୀ ମାଙ୍କଡ଼ ହେଉଛି ଅନ୍ୟତମ। ଏମାନଙ୍କ ଶରୀର ସମ୍ପୂର୍ଣ୍ଣ ରୂପେ ଲୋମରେ ଢାଙ୍କି ହୋଇଥିବା ବେଳେ ମୁହଁ ଦେଖିବାକୁ ଲାଲ୍ ରଙ୍ଗର ହୋଇଥାଏ। ଏହା ବ୍ୟତୀତ ଏମାନଙ୍କ ମୁଣ୍ଡରେ ଶରୀର ତୁଳନାରେ କେଶ କମ୍ ଥାଏ। ଏମାନେ ଆମାଜନ୍ ରେନ୍ ଫରେଷ୍ଟରେ ଦେଖିବାକୁ ମିଳିଥାନ୍ତି।

## ବାଇଗଣୀ ରଙ୍ଗର ବେଙ୍ଗ

ପିଲାଏ, ତୁମେମାନେ ପ୍ରାୟ ବାଇଗଣୀ ରଙ୍ଗର ବେଙ୍ଗ ଦେଖି ନ ଥିବ। କାରଣ ଏହି ବେଙ୍ଗ ସ୍ଥଳ ଭାଗ ଅପେକ୍ଷା ଅଧିକାଂଶ ସମୟ ମାଟି ତଳେ ରହିଥାନ୍ତି। ଉକ୍ତ ବେଙ୍ଗକୁ ୨୦୦୩ରେ ଠାବ କରାଯାଇଥିଲା। ଏହି ବେଙ୍ଗର ନାକ ଘୁଷୁରି ଭଳି ହୋଇଥିବାରୁ ଏହାକୁ ପିଗ୍ ନୋଜ୍ ଫ୍ରଗ୍ ମଧ୍ୟ କୁହାଯାଏ। ଏହି ପ୍ରଜାତି କେବଳ ଭାରତର ପଶ୍ଚିମ ଘାଟରେ ହିଁ ଦେଖିବାକୁ ମିଳିଥାନ୍ତି। ୨୦୦୮ରେ ଏହାକୁ ଦୁନିଆର ସବୁଠାରୁ ଦୁର୍ଲଭ ଜୀବ ତାଲିକାରେ ସାମିଲ କରାଯାଇଥିଲା।

## ନରମ ଖୋଳପା ବିଶିଷ୍ଟ କଇଁଛ

ସାଧାରଣତଃ କଇଁଛର ଉପରି ଭାଗ ବହୁତ ଟାଣ ହୋଇଥାଏ। କିନ୍ତୁ, ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ ଏମିତିବି କଇଁଛ ପ୍ରଜାତି ଅଛି ଯାହାର ଉପରି ଭାଗ ଟାଣ ହେବା ବଦଳରେ ବହୁତ ନରମ ହୋଇଥାଏ। ଭାରତର ଗଙ୍ଗା ନଦୀରେ ଦେଖିବାକୁ ମିଳିଥାନ୍ତି ଏହି ଇଣ୍ଡିଆନ୍ ସଫ୍ଟସେଲ୍ ଟର୍ଟଲ ବା ଗାଙ୍ଗେସ୍ ସଫ୍ଟସେଲ୍ ଟର୍ଟଲ। ଏମାନେ ଅଧିକାଂଶ ସମୟ ପାଣିରେ ହିଁ ବିତାଇଥାନ୍ତି। ଖାସ୍ କଥା ହେଲା– ନିଜର ତ୍ୱଚା ମାଧ୍ୟମରେ ଏମାନେ ନିଃଶ୍ୱାସ ନେଇଥାନ୍ତି।

## ଡମ୍ବୋ ଅକ୍ଟୋପସ୍

ଡମ୍ବୋ ଅକ୍ଟୋପସ୍ ସମୁଦ୍ରର ଅତି ଗଭୀରରେ ରହିଥାନ୍ତି। ଏମାନଙ୍କ କାନ ବହୁତ ବଡ଼ ସେଥିପାଇଁ ଏହାକୁ ପଙ୍ଖା ସହ ତୁଳନା କରାଯାଇଥାଏ। ସମୁଦ୍ରର ତଳଭାଗରେ ରହୁଥିବା ପ୍ରଜାତି ମଧ୍ୟରେ ଡମ୍ବୋ ଅକ୍ଟୋପସ୍ ଅନ୍ୟତମ। ଏମାନଙ୍କ ରଙ୍ଗ ହ୍ୱାଇଟ୍, ପିଙ୍କ୍, ରେଡିସ୍-ବ୍ରାଉନ୍ ଆଦି ହୋଇଥାଏ। ଏମାନେ ଅତି ଥଣ୍ଡା ପରିବେଶରେ ରୁହନ୍ତି ଏବଂ ଡେଣାକୁ ହଲାଇ ପହଁରି ଥାନ୍ତି।

## ଗାବ୍ଲିନ୍ ସାର୍କ

ଏମାନଙ୍କୁ ଏଲଫିନ୍ ସାର୍କ ମଧ୍ୟ କୁହାଯାଏ। ତାଙ୍କର ଭୟଙ୍କର ରୂପ, ଆଖି, ଚମଡ଼ା କାହାକୁ ବି ଡରାଇବା ଲାଗି ଯଥେଷ୍ଟ। ଏହି ସାର୍କ ଅନ୍ୟ ସାର୍କଙ୍କଠୁ ଭିନ୍ନ ଏବଂ ଦୁର୍ଲଭ ପ୍ରଜାତିର। ସମୁଦ୍ରରେ ଏମାନଙ୍କ ଥିବାର ସୂଚନା ପ୍ରଥମେ ୧୮୯୭ରେ ଜଣାପଡିଥିଲା। ଏହି ସାର୍କର ସନ୍ଧାନ ପ୍ରଥମେ ଜାପାନ୍‌ରେ ହୋଇଥିଲା।



## ଜାଣନ୍ତି କି



- ନେପଚୁନ୍ ଗ୍ରହରେ ବହୁଥିବା ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୧୨୦୦ ମାଇଲ୍।
- ଚନ୍ଦ୍ର ଆକାରଠାରୁ ସୂର୍ଯ୍ୟ ପ୍ରାୟ୪୦୦ ଗୁଣା ବଡ଼।
- ଲବ୍‌ଷ୍ଟର୍ସ ଜୀବର ରକ୍ତର ରଙ୍ଗ ହେଉଛି ନୀଳ।
- ଶିଶୁଟିଏ ଜନ୍ମ ହେବା ସମୟରେ ତା' ଶରୀରରେ ୨୮୫-୩୦୦ଖଣ୍ଡ ହାଡ଼ ଥାଏ। କିନ୍ତୁ ବୟସ ବଢ଼ିବା ସହ ଏହା ୨୦୬ଖଣ୍ଡ ହୋଇଥାଏ।
- ଫ୍ରାନ୍ସର ମୋଟ ୧୨ଟି ଟାଇମ ଜୋନ୍ ରହିଛି।
- ପ୍ରଥମ ଇଲେକ୍ଟ୍ରିକ କାର୍ ଆମେରିକାରେ ୧୮୯୦ ମସିହାରେ ଉଇଲିୟମ ମୋରିସନ୍‌ଙ୍କ ଦ୍ୱାରା ତିଆରି ହୋଇଥିଲା।
- କେତେଗୁଡିଏ ପେଚା ଏକାଠି ରହିବାକୁ 'ପାର୍ଲାମେଣ୍ଟ' କୁହାଯାଏ।

# ଆଇନା





ସମୀକ୍ଷା ଦାସ
୭ ବର୍ଷ/ ମାଲକାନଗିରି

ପ୍ରିୟାଂଶୀ କର
୬ ବର୍ଷ/ ଭୁବନେଶ୍ୱର